


■ଛପର କରୁଥିବାବେଳେ ଲାଗିଗଲା ବିଦ୍ୟୁତ୍ ତାର

# ବାପାଙ୍କୁ ବଞ୍ଚାଇବାକୁ ଯାଇ ପୁଅ ମୃତ

ଢେଙ୍କାନାଳ ଅଫିସ, ୧୯।୪

ଚାଳଛପର କରୁଥିବାବେଳେ ବିଦ୍ୟୁତ୍ ତାରରେ ଛନ୍ଦି ହୋଇଗଲେ ବାପା। ବାପାଙ୍କୁ ବଞ୍ଚାଇବାକୁ ଯାଇଥିବାବେଳେ ମୃତ୍ୟୁଫାଶରେ ପଡ଼ିଗଲେ ପୁଅ। ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ଦଳିତ ସାହିରେ ଶୁକ୍ରବାର ଏପରି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଜିତେନ୍ଦ୍ର ନାଏକ (୧୯)। ଗୁରୁତର ଅବସ୍ଥାରେ ବାପା ଯୋଗୀନାଥ ନାଏକଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ୪ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ସୁନ୍ଦରଗଡ଼ରୁ ଭୁବନେଶ୍ୱର ଯାଉଥିବା ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରାୟ ୩ଘଣ୍ଟା ଧରି ରାସ୍ତାରେ ଅଟକି ରହିଥିଲେ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଯୋଗୀନାଥଙ୍କ ଘର ଉପରେ ଏଲ୍‌ଟି



ମୃତଦେହ ରଖି ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଲାଇନ୍ ତାର ବିପଦସଙ୍କୁଳ ଭାବରେ ଝୁଲି ରହିଥିଲା। ପୂର୍ବାହ୍ନ ୯ଟାରେ ସେ ଘର ଛପର କରିବାକୁ ନଡ଼ା ବାହାର କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ବାପାଙ୍କୁ ବଞ୍ଚାଇବାକୁ ଯାଇ ଜିତେନ୍ଦ୍ର ଉକ୍ତ ତାରକୁ ବାହାର କରିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କ ଶରୀରରେ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଜିତେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଅପରାହ୍ନ ୧ଟାରୁ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ବିଦ୍ୟୁତ୍ ବିଭାଗର ଅବହେଳାରୁ ଏପରି ଦୁର୍ଘଟଣା ଘଟିଥିବା ସେମାନେ ଅଭିଯୋଗ କରିଥିଲେ। ଏଥିସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଡ଼ି ବସିଥିଲେ। ଫଳରେ ଢେଙ୍କାନାଳ-



■କ୍ଷତିପୂରଣ ଦାବି, ଉତ୍ତେଜନା

■ମୃତଦେହ ରଖି ରାସ୍ତା ଅବରୋଧ

■୩ ଘଣ୍ଟା ଅଟକିଲେ କେନ୍ଦ୍ରମନ୍ତ୍ରୀ

କାମାକ୍ଷାନଗର ରାସ୍ତାରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା।

ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ଉଦୟନାଥ ମହାପାତ୍ର, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ସଦର ଥାନାଧିକାରୀ ମଳୟ ନାୟକ, ଟାଉନ ଥାନାଧିକାରୀ ଅଭିନବ ଡାଲୁଆ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ୍ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ପ୍ରଶାସନ ପକ୍ଷରୁ ଯୋଗୀନାଥଙ୍କ ସମସ୍ତ ଚିକିତ୍ସା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଅପରାହ୍ନ ୫ଟାରେ ରାସ୍ତାରୋକୋ ହଟିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ୨୦/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ଏ ସମ୍ପର୍କରେ ଉପଜିଲାପାଳ କୁହନ୍ତି, ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୁରୁତରଙ୍କ ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିବା ସେ ସୂଚନା ଦେଇଛନ୍ତି।

■ମଙ୍ଗୁଲି ସାହୁ ହତ୍ୟା ମାମଲା

# ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଢେଙ୍କାନାଳ ଅଫିସ, ୧୯।୪

ଢେଙ୍କାନାଳ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ମଙ୍ଗୁଳି ସାହୁ ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଗଜେନ୍ଦ୍ର ମହାପାତ୍ର ଏହାର ବିଚାର କରି ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଅଭିଯୁକ୍ତ ବାବୁଲି ସାହୁ ଏବଂ ପ୍ରମୋଦ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୬ ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ଜମିବାଡ଼ି ବିବାଦକୁ କେନ୍ଦ୍ର କରି ରାସୋଳ ଥାନା ଖଣ୍ଡତିରି ଗ୍ରାମର ଭୀମ ସାହୁ ଏବଂ ରୁଷିଆ ସାହୁଙ୍କ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ୨୦୧୫ ଅକ୍ଟୋବର ୮ ଅପରାହ୍ନରେ ଭୀମ ସାହୁଙ୍କ ପୁଅ ମଙ୍ଗୁଳି ଘାସବିଡ଼ା ଧରି ଘରକୁ ଯାଉଥିବାବେଳେ ତାହା ସମ୍ପର୍କୀୟ ଦାଦା ରୁଷିଆଙ୍କ ଦେହରେ ବାଜିଥିଲା। ଏହି ସାମାନ୍ୟ ଘଟଣାରୁ ଉଭୟ ପରିବାର ମୁହାଁମୁହିଁ ହୋଇଥିଲେ। ୯ ତାରିଖରେ ମଙ୍ଗୁଳି ଗାଈ ଛାଡ଼ିବାକୁ ଗାଁ ମୁଣ୍ଡକୁ ଯାଇ ଫେରୁଥିବାବେଳେ ରୁଷିଆ, ତାଙ୍କ ଜ୍ୱାଇଁ ବାବୁଲି ସାହୁ ଏବଂ ଭଣଜା ପ୍ରମୋଦ ସାହୁ ରାସ୍ତା ମଝିରେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। କଟକରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗୁଳିଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ବାପା ଭୀମ ସାହୁଙ୍କ ଅଭିଯୋଗକ୍ରମେ ନଂ. ୯୬/୧୫ରେ ମାମଲା ରୁଜୁ ହୋଇଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଫେରାର ଥିଲେ। ଇତିମଧ୍ୟରେ ରୁଷିଆଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାର ବର୍ଷେ ପରେ ବାବୁଲି, ପ୍ରମୋଦଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ମଙ୍ଗୁଳିଙ୍କ ସ୍ତ୍ରୀ କବିତା, ଭଉଣୀ ସରୋଜିନୀଙ୍କ ସମେତ ୧୩ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଦାଲତ ଏହି ରାୟ ଶୁଣାଇଛନ୍ତି।

## ହିଙ୍ଗୁଳାଙ୍କ ପୀଠରେ ଝାମୁଯାତ୍ରା

ଭୁବନ, ୧୯।୪(ଡି.ଏନ୍.ଏ.)

ଭୁବନ ଅଞ୍ଚଳର ଆରାଧ୍ୟା ଦେବୀ ମା' ହିଙ୍ଗୁଳା ଏବଂ ମା' କାଳୁଣୀ ଠାକୁରାଣୀଙ୍କ ପୀଠରେ ଶୁକ୍ରବାର ଝାମୁଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ଉଭୟ ପୀଠରେ ପାରମ୍ପରିକ ନୀତି ଅନୁଯାୟୀ ପ୍ରାତଃ ସମୟରୁ ମା'ଙ୍କ ମହାସ୍ନାନ କରାଯାଇଥିଲା। ଏହାପରେ ପର୍ଯ୍ୟାୟକ୍ରମ ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ବିଧି ହୋଇଥିଲା। ପାଟୁଆମାନେ ନଗର ପରିକ୍ରମାରେ ବାହାରିଥିଲେ। ଅଞ୍ଚଳର ସୁଖସମୃଦ୍ଧି କାମନା କରି ବଡ଼ହାଟରେ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରାଯାଇଥିଲା। ଅପରାହ୍ନରେ ଶତାଧିକ ମାନସିକଧାରୀ ଶ୍ରଦ୍ଧାଳୁ ମାନସିକ ପୂରଣ ପାଇଁ ନିଆଁରେ ଚାଲିଥିଲେ। ଛୋଟ ଛୋଟ ପିଲାମାନଙ୍କୁ ଧରି ପାଟୁଆମାନେ ମଧ୍ୟ ନିଆଁରେ ଚାଲିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ସାମୂହିକ ପଣାସେବନ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଯାତ୍ରା ଦେଖିବାକୁ ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଭୋଟ ମାଗିଲେ ଭବାନୀଶଙ୍କର



ଭୁବନ, ୧୯।୪(ଡି.ଏନ୍.ଏ.)

ଭୁବନ ଏନ୍‌ଏସିରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ରୋଡ୍ ଶୋ କରାଯାଇଛି। କାମାକ୍ଷାନଗର ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଭବାନୀ ଶଙ୍କର ମହାପାତ୍ର ସମର୍ଥକଙ୍କ ଗହଣରେ ଏନ୍‌ଏସି ପରିକ୍ରମା କରି ଭୋଟଭିକ୍ଷା କରିଥିଲେ।

ସ୍ଥାନୀୟ ରାମମନ୍ଦିର ପରିସରରୁ ବାହାରିଥିବା ଉକ୍ତ ରାଲି ଏନ୍‌ଏସି ଅନ୍ତର୍ଗତ ସମସ୍ତ ୧୫ଟି ୱାର୍ଡ ବୁଲିଥିଲା। ଦଳୀୟ ସମର୍ଥକମାନେ ଘର ଘର ବୁଲି ପୁସିଂ କାର୍ଡ ବାଣ୍ଟି ଭବାନୀଶଙ୍କରଙ୍କୁ ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଥିଲେ। ଶୋଭାଯାତ୍ରାରେ ୧୦୦୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଏବଂ କର୍ମୀ ସାମିଲ ହୋଇଥିଲେ।

## ଶର୍ଟସର୍କିଟରୁ ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

ଭୁବନ, ୧୯।୪(ଡି.ଏନ୍.ଏ.)

ଭୁବନ୍ ଏନ୍‌ଏସି ପରିବା ମାର୍କେଟରେ ଗୁରୁବାର ବିଳମ୍ବିତ ରାତିରେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ନାରାୟଣ ପୋଥାଳଙ୍କ ଗ୍ରୋସରି ଦୋକାନ ଜଳିଯାଇଛି। ନିଆଁରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ନାରାୟଣ ଦୋକାନ ବନ୍ଦ କରି ଘରକୁ ଆସିବା ପରେ ହଠାତ୍ ନିଆଁ ଲାଗିଯାଇଥିଲା। ଦୋକାନ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ବିଜେଡି, ଭାଜପା ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର



ଦଳୀୟ କର୍ମୀଙ୍କ ଗହଣରେ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକ।



ଭାଜପା ପ୍ରାର୍ଥୀ ଶତ୍ରୁଘ୍ନ ଜେନା ଭୋଟ ଭିକ୍ଷା କରୁଛନ୍ତି।

କାମାକ୍ଷାନଗର, ୧୯।୪(ଡି.ଏନ୍.ଏ.)

ତୃତୀୟ ପର୍ଯ୍ୟାୟ ନିର୍ବାଚନକୁ ମଝିରେ ମାତ୍ର ୩ ଦିନ ଥିବାବେଳେ ପ୍ରାର୍ଥୀମାନେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ରାଜ୍ୟ ରାଜନୀତିର ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ଭୋଟରଙ୍କୁ ଆକୃଷ୍ଟ କରିବାକୁ ସମସ୍ତ ଉଦ୍ୟମ ଚଳାଇଥିବାବେଳେ ଏହାକୁ ନେଇ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ରାଜନୈତିକ ତାତି ବଢ଼ିବାରେ ଲାଗିଛି।

ଶୁକ୍ରବାର ଭାଜପା ପ୍ରାର୍ଥୀ ଶତ୍ରୁଘ୍ନ ଜେନା ଏନ୍‌ଏସି ଅଞ୍ଚଳରେ ଘର ଘର ବୁଲି ଭୋଟଭିକ୍ଷା କରିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଭୋଟ ମାଗିଥିଲେ। ତାଙ୍କ ସହ ନୂତନ ଭାବେ ଦଳରେ ସାମିଲ ହୋଇଥିବା ବସ୍ ମାଲିକ ସଂଘ ସଭାପତି ଲଛମନ ଜେନା, ସମ୍ପାଦକ ଅଶ୍ୱିନୀ ମହାପାତ୍ର, ପୂର୍ବତନ କାଉନସିଲର ରଞ୍ଜିତ ସାହୁ, ସନ୍ଦୀପ ପଟ୍ଟନାୟକ, ସଞ୍ଜୀବ ମିଶ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

ସେହିପରି ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମଧ୍ୟ ବିଭିନ୍ନ ପଞ୍ଚାୟତରେ ମହିଳାପୁରୁଷଙ୍କୁ ଏକାଠି କରି ସଭା କରିଛନ୍ତି। କିଭଳି ମତଦାନ କରିବେ ସେ ସମ୍ପର୍କରେ ମନ୍ତ୍ରୀ ବିସ୍ତୃତ ଭାବେ ବୁଝାଇଥିଲେ। ଶୋଭାଯାତ୍ରାରେ ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ, ଦୈତାରି ସାହୁ, ମଦନ ବେହେରାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।



AUTHORISED DISTRIBUTORS: GANESH ENTERPRISES - ANGUL - 9437033401, DEALERS: JAGANNATH ELECTRONICS-ANGUL-9437382773, MAHAMAYAELECTRONICS-CHENDIPADA-9640676899, TARINISTEEL-BALAR - 9937979759, PATWARI VERAITY - KANIHA - 9437213969, GREEN PARK - BANTAL - 9583177030, BANU GIFT HOUSE - HINDOL - 9437333289, PADMINI SALES - DHENKANAL - 7653002122, SHREE GANESH ENTERPRISES - TALCHER - 9937098346, SARAT EMPORIUM - TALCHER - 9437061851, PAL ELECTRONICS - MAHIDHARPUR - 9937243050, PARBATI INDUSTRIES - MAHIDHARPUR - 9938328729, PARIDA ENTERPRISES - HINDOL - 9937131108, PARBATI BHANDAR - BOINDA - 9937690393, PAYAL ELECTRONICS - ANGUL - 9437094094, S K REFRIGIRATION - DHENKANAL - 9437093913, ASM WESTERN ODISHA- ARABINDA- 7381541721, ASM COSTAL ODISHA- SANTOSH- 7381054899.

ଧରିତ୍ରୀ
DHARITRI
ଢେଙ୍କାନାଳ, ଶନିବାର, ୨୦ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ରୋଡ ଶୋ

ଛେଣ୍ଡିପଦା,୧୯।୪(ସ୍ୱ.ପ୍ର)- ଛେଣ୍ଡିପଦା ବିଧାନସଭା କ୍ଷେତ୍ରର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନବକିଶୋର ପ୍ରଧାନ ଓ ଛେଣ୍ଡିପଦା ବିଧାନସଭା ପ୍ରାର୍ଥୀ ଭରତ କୁମାର ନାଏକ ପ୍ରଚାର କରିଛନ୍ତି। ଉଭୟ ପ୍ରାର୍ଥୀ କର୍ମୀ ଓ ସମର୍ଥକଙ୍କ ଗହଣରେ ଏକ ଶୋଭାଯାତ୍ରାରେ କୋଶଳା, ଦୁର୍ଗାପୁର, ଜରପଡା, ବଡକେରଜାଙ୍ଗ, ଜରାସିଂହା ଅଞ୍ଚଳରେ ରୋଡ ଶୋ କରି ଜନସାଧାରଣଙ୍କୁ ଭୋଟ ମାଗିଥିଲେ। ଏସୟୁସିଆଇ (କମ୍ୟୁନିଷ୍ଟ)ର ଜିଲା କମିଟି ସଭ୍ୟ ସୁବାସ ପ୍ରଧାନ, ମାନସ ପାଳ, ରଣଜିତ ପ୍ରଧାନଙ୍କ ସମେତ ଶିକ୍ଷକ ନେତା ପ୍ରସାଦି ପ୍ରଧାନ, ମୀନକେତନ ପ୍ରଧାନ, ଲମ୍ବୋଦର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

### ନାଲ୍‌କୋ ଡିପିଏସ୍ ଶିକ୍ଷକଙ୍କ ପରଲୋକ



ବଆଁରପାଳ, ୧୯।୪(ଡି.ଏନ.ଏ.)- ନାଲ୍‌କୋ ଡିପିଏସ ସ୍କୁଲ ଶିକ୍ଷକ ରଞ୍ଜନ ମହାପାତ୍ର (୪୨) ଙ୍କ ଗୁରୁବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସେ ପଦାର୍ଥ ବିଜ୍ଞାନ ଶିକ୍ଷକ ଥିଲେ। ଅନୁଗୋଳ ବଣିଆବାହାଲସ୍ଥିତ ତାଙ୍କ ଘରେ ଥିବାବେଳେ ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଡିପିଏସ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଆସି ଶେଷଦର୍ଶନ କରିଥିଲେ।

### ବସନ୍ତରାସ ଉତ୍ସବ ପାଳିତ

କଣିହାଁ,୧୯।୪(ଡି.ଏନ.ଏ.)- କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମରେ ଶୁକ୍ରବାର ବସନ୍ତରାସ ଉତ୍ସବ ପାଳିତ ହୋଇଯାଇଛି। ପ୍ରତିବର୍ଷ ଗ୍ରାମବାସୀ ଚୈତ୍ର ପୂର୍ଣ୍ଣିମାରେ ବସନ୍ତରାସ ଉତ୍ସବ ପାଳନ କରିଥାନ୍ତି। ପୂର୍ବାହ୍ନରେ ଗୋପାଳଜୀ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଗୋପାଳଜୀଙ୍କୁ ଏକ ରଥରେ ବିରାଜମାନ କରାଯାଇ ଫୁଲ, ବାଣ, ବାଜା ସହ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା। ରଙ୍ଗିନ ଆଲୋକ ମାଳାରେ ଯାତ୍ରା ପଡ଼ିଆ ଝଲସି ଉଠୁଛି। ଏ ନେଇ ଥାନା ଆଇଆଇସି ପ୍ରଭାତ ତ୍ରିପାଠୀ କହିଛନ୍ତି, ଶାନ୍ତିଶୃଙ୍ଖଳାରେ ଉତ୍ସବ ପାଳନ ପାଇଁ ଗ୍ରାମ କମିଟି ସହିତ ପୋଲିସ ଫୋର୍ସ ନିୟୋଜିତ ହୋଇଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟିବା ଦିଗରେ ପଦକ୍ଷେପ ନିଆଯାଇଛି।

### ଅବକାରୀ ମୋବାଇଲ ସ୍କ୍ୱାଡ, ପୋଲିସର ମିଳିତ ଚଢ଼ାଉ: ୭ ଗିରଫ

ଭୋଗରାଇ,୧୯।୪(ଡି.ଏନ.ଏ.) ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବିଭିନ୍ନ ସ୍ଥାନରୁ ଶୁକ୍ରବାର ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍ ଓ ପୋଲିସ ଫୋର୍ସ ଅଚାନକ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ୭ଜଣ ଚୋରା ମଦ ବିକ୍ରେତାଙ୍କୁ ଗିରଫ କରିଛନ୍ତି। ଏହି ଚୋରା ମଦର ଆନୁମାନିକ ମୂଲ୍ୟ ୩ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଥିବା ବେଳେ ୭ ଚୋରା ମଦ ବିକ୍ରେତାଙ୍କ ନାମରେ ଅବକାରୀ ବିଭାଗରେ ମାମଲା ରୁଜୁ ହୋଇଛି। ଭୋଗରାଇ ସୀମାନ୍ତ ଉଦୟପୁର ବେଳାଭୂମିରେ ଶାନ୍ତିଗୋପାଳ ଖଟୁଆ, ନିର୍ମଳ ପଟ୍ଟନାୟକ, ଚନ୍ଦନେଶ୍ୱର ବଜାରରୁ ରବୀନ୍ଦ୍ର ପ୍ରଧାନ, କୃଷ୍ଣନଗରରୁ ଜଳେନ୍ଦ୍ର ମଲ୍ଲିକ, ବର୍ତ୍ତନାରୁ ଲକ୍ଷ୍ମୀକାନ୍ତ ସେଠୀ, ଖଳାବାଡ଼ିଆରୁ ସନ୍ତୋଷ କୁମାର ଦାସ ଓ ରଇପୁର ଗ୍ରାମରୁ ଶାନ୍ତିଲତା ପାତ୍ରଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ବାଲେଶ୍ୱର ଅବକାରୀ ବିଭାଗର ଏସ୍‌ପି ରାଜେନ୍ଦ୍ର କୁମାର ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ ଉପ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ୨୫ ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।

## ■ଠାକୁରଗଡ଼ରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# 'ସରକାରକୁ ଆସିଲେ ଏସ୍‌ଏଚ୍‌ଜି ଋଣ ଛାଡ଼ ହେବ'



ସମାବେଶରେ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଦଳୀୟ ପ୍ରାର୍ଥୀ ଓ ନେତା।

**ବଇଣ୍ଡା,୧୯।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ଠାରେ ଶୁକ୍ରବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏକ ହେଲିକପ୍ଟର ଯୋଗେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ, ଓଡ଼ିଶାରେ ଏବେ ପିସି ସରକାର ଚାଲିଛି। ଇନ୍ଦିରା ଆବାସ, ପାଇଖାନା ପାଇବାକୁ ହେଲେ ବି ପିସି ଦେବାକୁ ପଡୁଛି। ପିସି ସରକାରକୁ ତୁରନ୍ତ ବଦଳାଇବାକୁ ଲୋକେ ନିଷ୍ପତ୍ତି ନେଲେଣି। ସବୁଠି ପରିବର୍ତ୍ତନର ହାଓ୍ୱା ଦେଖା ଦେଲାଣି। ମୋଦି ସରକାର ଓଡ଼ିଶାକୁ ୧୦ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଦେଇଛନ୍ତି। ୧୯ ବର୍ଷରେ ବିଜେଡି ସରକାର ଯାହା କରିନାହିଁ ୫ ବର୍ଷରେ ମୋଦି ସରକାର ତାଠାରୁ ବହୁ ଗୁଣରେ ଅଧିକ କାମ କରିଛନ୍ତି। କାଳିଆ ଯୋଜନା ଏକ ପ୍ରହସନ ଚାଲିଛି। ସରକାରଙ୍କ ପାଖରେ ଟଙ୍କା ନ ଥିବା ବେଳେ ବଜେଟରେ ମଧ ତାଲିକା ନାହିଁ। ସେହିପରି ବଇଣ୍ଡାଠାରୁ ଆଠମଲ୍ଲିକ ମହାନଦୀ ଦେଇ ଖୋର୍ଦ୍ଧା ପର୍ଯ୍ୟନ୍ତ ଏକ ଜାତୀୟ ରାଜପଥ ନିର୍ମାଣ ପାଇଁ ଯୋଜନା ଥିଲେ ମଧ ରାଜ୍ୟ ସରକାର କରେଇ ଦେଉନାହାନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭାଜପାକୁ ବିଜୟୀ କଲେ ନୂତନ ଆଇନ ଅଣାଯିବ। ନାବାଳିକା ବଳାତ୍କାରୀଙ୍କୁ ଦଣ୍ଡ ସହ ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍କୁଟି ଓ ଅଧିକ ପାଠ ପଢିବା ପାଇଁ ୫୦ ହଜାର ଟଙ୍କାର ରାଶି ଅନୁଦାନ ଯୋଗାଇ ଦିଆଯିବ। ସେହିପରି ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ଋଣ ଛାଡ଼ କରାଯିବା ସହ ବିନା ସୁଧରେ ଏସ୍‌ଏଚ୍‌ଜି, ଚାଷୀଙ୍କୁ ଋଣ ଯୋଗାଇ ଦିଆଯିବ। ସବୁ ଜିଲାରେ ମେଡିକାଲ କଲେଜ ଖୋଲାଯିବାସହ ରେଳ ସଂଯୋଗ କରାଯିବ। ୨୦୨୨ ସୁଦ୍ଧା ଓଡ଼ିଶାରେ ସମସ୍ତ ଚାଳଘର ହଟାଇ ପକ୍କା ଘର କରାଯିବ। ସରକାରର ୯୦ ଦିନ ମଧ୍ୟରେ ଖଣି ଓ ଚିଟ୍‌ଫଣ୍ଡ ଲୁଟେରାଙ୍କୁ ଜେଲ ପଠାଯିବ। ଓଡ଼ିଶାବାସୀ ଚାହୁଁଛନ୍ତି ଡବଲ ଇଞ୍ଜିନ ସରକାର। ମୋଦିଙ୍କ ସହ ଆଠମଲ୍ଲିକବାସୀ ଅଛନ୍ତି। ତେଣୁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ପ୍ରଧାନ ଆଠମଲ୍ଲିକବାସୀଙ୍କୁ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନିତେଶ ଗଙ୍ଗଦେବ, ବିଧାୟକ ପ୍ରାର୍ଥୀ ଭାଗୀରଥି ପ୍ରଧାନ ଯୋଗଦେଇ ଭୋଟ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ଅଜିତ ପ୍ରଧାନ, ଭବାନୀ ଜ୍ୟୋତିଷରାୟ, ଡିଲେଶ୍ୱର ପ୍ରଧାନ, ବେଣୁଧର ସେଠୀ, ପରେଶ ଦେବ, ରାଜେନ୍ଦ୍ର ସାହୁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ବହୁ ବିଜେଡି ଓ କଂଗ୍ରେସ କର୍ମୀମାନେ ଭାଜପାରେ ଯୋଗ ଦେଇଥିଲେ।



ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ରୋଡ୍ ଶୋ'ରେ ଯାଉଛନ୍ତି।

# ରୋଡ୍ ଶୋରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀଙ୍କ ସ୍ତ୍ରୀ

**ଅନୁଗୋଳ ଅଫିସ, ୧୯।୪**

ଅନୁଗୋଳ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଶୁକ୍ରବାର ଅନୁଗୋଳ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ରୋଡ୍ ଶୋ କରିଛନ୍ତି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମୃଦଳା ପ୍ରଧାନ ଯୋଗଦେଇ ଦଳର ପ୍ରାର୍ଥୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ଭୋଟ ଭିକ୍ଷା କରିଥିଲେ। ମହୀଧରପୁର ଠାରୁ ଏହା ଆରମ୍ଭ ହୋଇ ତଳମୂଳ, ଫୁଲପଡ଼ା, ଖଣ୍ଡହତା, ସାନ୍ତରାପୁର, ଅଙ୍ଗାରବନ୍ଧ, ବଉଳିଗଡ଼, ଅରହାଟ, ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଠାରେ ଶେଷ ହୋଇଥିଲା। ତେବେ ଖଳାରୀ ଜୋନ ଓ ମହୀଧରପୁର ଜୋନରେ ହୋଇଥିବା ରୋଡ୍ ଶୋ'ରେ ଦଳୀୟ କର୍ମୀଙ୍କ ସହ ବହୁ ସଂଖ୍ୟକ ସମର୍ଥକ ଯାଇଥିବା ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ଯଯାତି ପଟ୍ଟନାୟକ, ବିକାଶ ସାହୁ, ପ୍ରଦୀପ ବିଶ୍ୱାଳ, ପ୍ରତିମା ମିଶ୍ର, ସୁଷମା ବେହେରା, ସରୋଜ ସାହୁ, ବସନ୍ତ ତ୍ରିପାଠୀ, ଲୋଚନ ସାହୁ ଓ ଅକ୍ଷୟ ସାମଲଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଯୋଗଦେଇଥିଲେ।

# ୨ୟ ଦିନରେ ୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ



ଯାତ୍ରାରେ ଲୋକଙ୍କ ଭିଡ଼ ଜମିଛି।

**ବଆଁରପାଳ, ୧୯।୪(ଡି.ଏନ.ଏ.)**

ବଆଁରପାଳ ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଯାତ୍ରାର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରୁ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ଙ୍କ ଉଭାସ୍ଥଳୀରେ ଦିନ ତମାମ ଲୋକଙ୍କ ଗହଳି ଲାଗିରହିଥିଲା। ମା'ଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ପୀଠସ୍ଥଳୀରେ ଅପରାହ୍ନରେ ପୂଜା ହୋଇଥିଲା। ଏହି ସମୟରେ ଢୋଲ, ନିଶାନ ବାଦ୍ୟ ପରିବେଷଣ ହୋଇଥିଲା। ରଙ୍ଗବେରଙ୍ଗ ଆଲୋକ ସଜ୍ଜାରେ ମା'ଙ୍କ ମନ୍ଦିର ଅଞ୍ଚଳ ଝଲସୁଛି। ଯାତ୍ରା ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୋକାନ ବଜାର ଗୁଡିକରେ ଲୋକଙ୍କ ଭିଡ଼ ହୋଇଥିଲା। ପ୍ରସାଦ ସେବନ ସାଙ୍ଗକୁ ବିଭିନ୍ନ ଅନୁଷ୍ଠାନ ତରଫରୁ ଲୋକଙ୍କୁ ଦହି ସର୍ବତ ଓ ପଣା ପ୍ରଦାନ କରାଯାଇଥିଲା। ଯାତ୍ରା କମିଟିର କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୧୯।୪**

ମା' ହିଙ୍ଗୁଳା ଯାତ୍ରା ଦେଖି ଫେରୁଥିବାବେଳେ ଗୁରୁବାର ସନ୍ଧ୍ୟାରେ ଅନୁଗୋଳ ସହର ଉପକଣ୍ଠରେ ଥିବା ଆମ୍ବପାଳ ନତଡ଼ା ଅଞ୍ଚଳରେ ଏକ କାର୍ ଓ ବାଇକ ମୁହାଁମୁହିଁ ହୋଇଥିଲା। ଏଥିରେ ଗୁରୁତର ହୋଇଥିବା ୨ ଜଣଙ୍କ ମଧ୍ୟରୁ କାଙ୍ଗୁଲା ଅଞ୍ଚଳର ସୌଭାଗ୍ୟ ସାହୁ (୧୯)ଙ୍କ କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ହୋଇଛି। ସେହି ଅଞ୍ଚଳର ସିପୁ ସାହୁ ଅନୁଗୋଳ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏକ କାର୍ (ଓଡ଼ି-୩୩-ଏଲ୍-୮୨୫୧) ୩ ଜଣ ମହିଳା, ୨ ଶିଶୁ ଓ ଡ୍ରାଇଭର କଟକ ଜିଲା ଆଠଗଡ଼ରୁ ଅନୁଗୋଳ ଆସି ମାଙ୍କ ହିଙ୍ଗୁଳାଙ୍କ ଦର୍ଶନ କରିଥିଲେ। ଫେରୁଥିବା ସମୟରେ ଅନୁଗୋଳ ପଟୁ ଯାଉଥିବା ଏକ ଦ୍ରୁତଗାମୀ ବାଇକ (ଓଡ଼ି-୧୯-ଜେ-୯୪୮୬) ସହ ସେମାନଙ୍କ ଧକ୍କା ହୋଇଥିଲା। ଏଥିରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ।

# ବିଜେଡିର ମହିଳା ସମାବେଶ



ସମାବେଶରେ ଉପସ୍ଥିତ ଦଳୀୟ କର୍ମୀ।

**ବଇଣ୍ଡା,୧୯।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଧଡ଼ରପାଳ ଓ ଅଙ୍ଗପଡ଼ା ପଞ୍ଚାୟତରେ ଶୁକ୍ରବାର ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ନତଡ଼ାଠାରୁ ଏକ ଶୋଭାଯାତ୍ରାରେ ବିଜେଡି କର୍ମୀମାନେ ବାହାରି ଖରିଆକାନି, କ୍ଷେତି, ହରିଡ଼ାନାଳୀ, ମଣିପୁର, ଅଙ୍ଗପଡ଼ା ଦେଇ ଧରଡ଼ପାଳଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରାର୍ଥୀ ରମେଶ ସାଏଙ୍କ ସ୍ତ୍ରୀ ଲିନା ସାଏ ଯୋଗଦେଇ ତାଙ୍କ ସ୍ୱାମୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ପ୍ରତାପ ମାଝି, ପ୍ରତାପ ପ୍ରଧାନ, କାଳନ୍ଦୀଚରଣ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ସୁକାନ୍ତିବାଳା ନାୟକ, ଅଙ୍ଗପଡ଼ା ସରପଞ୍ଚ ଲିଜାଲିନ ସାହୁ, ଧଡ଼ରପାଳ ସରପଞ୍ଚ ଚେର ପଲେଇ, ପ୍ରମୋଦ ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ଏସ୍‌ୟୁସିଆଇ ଲୋକ ସଭା ପ୍ରାର୍ଥୀଙ୍କ ପ୍ରଚାର



ଏସ୍‌ୟୁସିଆଇ ପ୍ରାର୍ଥୀ ଶୋଭାଯାତ୍ରାରେ ଯାଉଛନ୍ତି।

**ଅନୁଗୋଳ ଅଫିସ, ୧୯।୪**

ଅନୁଗୋଳର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ମାନସୀ ସ୍ୱାଇଁ ଓ ଅନୁଗୋଳ ବିଧାନସଭା ପ୍ରାର୍ଥୀ ମନ୍ଦୋଦରୀ ରାଉଳ ଶୁକ୍ରବାର ଏକ ଶୋଭାଯାତ୍ରାର ଆୟୋଜନ କରିଥିଲେ। ଏହି ଶୋଭାଯାତ୍ରାରେ ଆଙ୍କୁଲା, ଗୋପୀନାଥପୁର, ବାଦିବାହାଳ, ନୂଆସାହି, ବେନ୍ତପୁର, ବାରସିଂହା, କାଙ୍ଗୁଲା, ଖଳାରୀ ଓ ସୁସୁଡା ପ୍ରଭୃତି ଅଞ୍ଚଳକୁ ଯାଇ ସେମାନେ ପ୍ରଚାର କରିଥିଲେ। ବିଜୟୀ ହେଲେ ଅଞ୍ଚଳରେ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ଚାଷଜମିକୁ ଜଳ, ଶୀତଳ ଭଣ୍ଡାର ନିର୍ମାଣ, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବା ସହିତ ସମସ୍ତ ଡାକ୍ତରଖାନାରେ ଡାକ୍ତର, କର୍ମଚାରୀ ନିଯୁକ୍ତି, ବନ୍ୟଜନ୍ତୁ ଉପଦ୍ରବ ଆଦି ସମସ୍ୟା ସମାଧାନ କରାଯିବ ବୋଲି ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଜିଲା କମିଟି ସଭ୍ୟ ବ୍ରଜବନ୍ଧୁ ସାହୁ, ସଞ୍ଜୟ ସାହୁଙ୍କ ସମେତ ଯୁବନେତା ବିଷ୍ଣୁ ସାହୁ, ଅମୂଲ୍ୟ ସାହୁ, ନିରଞ୍ଜନ ନାୟକ, ପ୍ରଭାତ ପ୍ରଧାନ, ପ୍ରଭାସୀ ସ୍ୱାଇଁ, ନିରୁପମା ନାୟକ, ନାରାୟଣ ନାୟକ ପ୍ରମୁଖ ସାମିଲ ଥିଲେ।

## ■ନିର୍ବାଚନ ପାଇଁ ରିକ୍ୟୁଜିଶନ ହେଲା ଦୁଇ ଚକିଆ ଯାନ

# ଥାନାକୁ ବାଇକ୍ ଟାଣି ଆଣିଲା ପୋଲିସ

**ଅନୁଗୋଳ ଅଫିସ, ୧୯।୪**

ନିର୍ବାଚନ ପାଇଁ ଦୁଇ ଚକିଆ ଯାନ ରିକ୍ୟୁଜିଶନ ଯୋଗୁ ଅନୁଗୋଳ ପୋଲିସ ଲୋକଙ୍କଠାରୁ ବାଇକ୍ ସଂଗ୍ରହ କରିଛି। ତେବେ ପୋଲିସ ବିନା ସୂଚନାରେ ହଠାତ୍ ଲୋକମାନଙ୍କୁ ରାସ୍ତାରେ ଅଟକାଇ ସେମାନଙ୍କ ବାଇକ୍ ଥାନାକୁ

> ■ପୂର୍ବ ସୂଚନା ବିନା ଏପରି କାର୍ଯ୍ୟକୁ ନାପସନ୍ଦ
>
> ■ଜିଲାପାଳ କହିଲେ ଦୁର୍ଗମ ଅଞ୍ଚଳକୁ ଯିବ ଗାଡ଼ି

ନେଇଯିବା ପ୍ରଥମେ କିଛି ବୁଝାପଡି ନ ଥିଲା। ନିର୍ବାଚନ ପାଇଁ ବାଇକ୍ ଏକଜୁଟ କରାଯାଉଥିବା ପଛରେ ଜଣାପଡିବା ପରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଶୁକ୍ରବାର ପୂର୍ବାହ୍ନରେ ପୋଲିସ ହଠାତ୍ ଲୋକଙ୍କୁ ଅଟକାଇ ସେମାନଙ୍କ ଗାଡ଼ିକୁ ଥାନାକୁ ନେଇଯାଇଥିଲା। କୌଣସି କାରଣ ନ ଦର୍ଶାଇ ପୋଲିସର ଏପରି କାର୍ଯ୍ୟକୁ ନେଇ ସହରରେ କୌଣସି ଅପରାଧ କିମ୍ବା ଅଘଟଣ ଘଟିଥିବା ଲୋକେ ସନ୍ଦେହ କରିଥିଲେ। କିନ୍ତୁ ନିର୍ବାଚନରେ ନିୟୋଜିତ ପାଇଁ ଗାଡ଼ି ରିକ୍ୟୁଜିସନ୍ କରିବାକୁ ପୋଲିସ ଏଭଳି କରୁଥିବା ପରେ ଜଣାପଡିଥିଲା। ଜିଲାରେ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ଗାଡ଼ି



ଥାନା ସମ୍ମୁଖରେ ଲୋକଙ୍କ ଭିଡ଼ ଜମିଛି।

ରିକ୍ୟୁଜିଶନ୍ କରାଯାଇଛି। ସମୁଦାୟ ୧୯୦୨ଟି ଗାଡ଼ି ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ଦୁର୍ଗମ ଅଞ୍ଚଳକୁ ଦୁଇ ଚକିଆ ଯାନର ଆବଶ୍ୟକ ପଡ଼ିବାରୁ ପ୍ରଶାସନ ପକ୍ଷରୁ ଏଭଳି କରାଯାଇଥିଲା। ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଗାଡ଼ି ଅଟକ ରଖିବା ପରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ପୋଲିସ କିଛି ଗାଡ଼ି ଛାଡ଼ି ୪୦ରୁ ଉର୍ଦ୍ଧ୍ୱ ଗାଡ଼ି ରାତି ସୁଦ୍ଧା ଥାନା ପରିସରରେ ରଖିଥିବା ଜଣାପଡ଼ିଛି। ଦୁର୍ଗମ ଅଞ୍ଚଳକୁ ଏହି ଗାଡ଼ିଗୁଡ଼ିକ ଯିବ। ପୋଲିସ ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀ ଓ କର୍ମଚାରୀମାନେ ଏହାକୁ ବ୍ୟବହାର କରିବେ। ନିର୍ବାଚନ ସରିବା ପରେ ଗାଡ଼ିଗୁଡିକୁ ଫେରସ୍ତ କରାଯିବ। ଆଉ ତା ବାବଦକୁ ୧୦ ଲିଟର ତେଲ ପ୍ରତ୍ୟେକ ଦିନ ହିସାବରେ ଗାଡ଼ି ମାଲିକଙ୍କୁ ଅର୍ଥ ପ୍ରଦାନ କରାଯିବ ବୋଲି ପୋଲିସ କହିଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ଜରୁରିକାଳୀନ ପରିସ୍ଥିତିରେ ଦୁଇ ଚକିଆ ଗାଡ଼ିର ଆବଶ୍ୟକ ପଡ଼ିଲା। ତେଣୁ ଗାଡ଼ିଗୁଡ଼ିକ ରଖିବା ପାଇଁ ବାଧ ହେଲୁ। ଜିଲାର ଆଠମଲ୍ଲିକ ଓ ପାଲଲହଡ଼ା ନିର୍ବାଚନ ମଣ୍ଡଳୀକୁ ରିକ୍ୟୁଜିଶନ୍ ହୋଇଥିବା ଗାଡ଼ିଗୁଡ଼ିକ ପଠାଯିବ ବୋଲି ସେ କହିଥିଲେ। ତେବେ କେତୋଟି ଗାଡ଼ି ପଠାଯିବ ସେ ନେଇ ଠିକ୍ ତଥ୍ୟ ପ୍ରଦାନ କରିପାରି ନ ଥିଲେ। ଏପରିକି ଗାଡ଼ି ବାବଦକୁ କେତେ ଟଙ୍କା ପ୍ରଦାନ କରାଯିବ ସେନେଇ ସ୍ଥିର ହୋଇ ନ ଥିବା ମଧ ଜିଲାପାଳ କହିଛନ୍ତି।

# ନଦୀ ପାର ଦନ୍ତାର ନରସଂହାର

**ଜଙ୍ଗଲକୁ ଯାଇ ନ ଥିଲେ। ମୁହାଁମୁହିଁ ବି ହୋଇ ନ ଥିଲେ। ତଥାପି ନଦୀ ପାର ଦନ୍ତା ଘଟାଇଲା ନରସଂହାର। ପାଦରେ ଦଳି ନେଇଗଲା ୫ ମଣିଷଙ୍କ ଜୀବନ। ହାତୀ-ମଣିଷ ସଂଘର୍ଷ ଇତିହାସରେ ଏପରି ଅଘଟଣ ନିଶ୍ଚିତ ନୂଆ।**

ଅନୁଗୋଳ ଜିଲାରେ ଅନେକ ସମୟରେ ହାତୀକୁ ନେଇ ଆତଙ୍କ ଦେଖାଯାଉଛି। କେତେବେଳେ ହାତୀ ଗାଁ ନିକଟକୁ ଆସି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି ତ ପୁଣି କେବେ ସହର ମଧ୍ୟକୁ ପଶି ଭୟର ବାତାବରଣ ଖେଳାଇ ଦେଉଛନ୍ତି। ଜଙ୍ଗଲରେ ମୁହାଁମୁହିଁ ହେଉଥିବା ମଣିଷଙ୍କୁ ଦଳିଦେବା କି ଗାଁରେ ପଶି ଘର ଭାଙ୍ଗିବା ଆଉ ନୂଆ ଘଟଣା ହୋଇ ନାହିଁ। ଦୈନିକ କେଉଁଠି ନା କେଉଁଠି ଏପରି ଅଘଟଣର ସମ୍ମୁଖୀନ ହେଉଛି ମଣିଷ। ତେବେ ଗୁରୁବାର ବିଳମ୍ବିତ ରାତିରେ ତାଳଚେର ପୌରାଞ୍ଚଳର ଷଣ୍ଢ ଗାଁ ଓ ନିକଟସ୍ଥ ସନ୍ଥପଡ଼ାରେ ଯେପରି ହାତୀ ୫ଜଣଙ୍କ ମୃତ୍ୟୁର କାରଣ ହେଲା ତାହା ଅତ୍ୟନ୍ତ ଚିନ୍ତାଜନକ। ପଡ଼ୋଶୀ ଢେଙ୍କାନାଳ ଜିଲାର ମହାବିରୋଡ୍ ରେଞ୍ଜରେ ଉତ୍ପାତ ଚଳାଇଥିବା ଏହି ନରହନ୍ତା ଦନ୍ତା ଗତ ୨ ବର୍ଷରେ ୧୯ଜଣଙ୍କ ଜୀବନ ନେବା ଲୋକଙ୍କ ମଧ୍ୟରେ ଏକପ୍ରକାର ଆତଙ୍କ ଖେଳାଇ ଦେଇଛି। ବ୍ରାହ୍ମଣୀ ନଦୀ ପାର ହୋଇ ଏହି ଦନ୍ତା ମହାବିରୋଡରୁ ତାଳଚେର ରେଞ୍ଜରେ ପ୍ରବେଶ କରିବା ପରେ ଏପରି ନରସଂହାର ଘଟାଇଥିବା ବନ ବିଭାଗ କହିଛି। ତେବେ ମଣିଷ ଓ ଗଜରାଜ ମଧ୍ୟରେ ପ୍ରାୟତଃ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ତତ୍ପରତା ପ୍ରକାଶ ପାଉନାହିଁ। ଜଙ୍ଗଲ ଚାରିପାଖେ ଗଭୀର ଟ୍ରେଞ୍ଚ ଖୋଳାଯିବା ଓ ସୋଲାର ଫେନସିଂ ବ୍ୟବସ୍ଥାକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ହେଉ ନ ଥିବାରୁ ଏପରି ଏକ ଭୟାନକ ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏଥିଯୋଗୁ କେତେବେଳେ ଗଜରାଜଙ୍କ ଜୀବନ ଯାଉଛି ତ ଆଉ କେତେବେଳେ ନିରୀହ ମଣିଷକୁ ଦଳି ଦେଉଛି ଦନ୍ତା ହାତୀ।


ଷଣ୍ଢ ଗାଁରେ ଘଟଣାସ୍ଥଳରେ ଜଣେ ବନ ବିଭାଗ କର୍ମଚାରୀ।

## ମାରିଲେ ମଲୁ, ନ ମାରିଲେ ବି ମଲୁ

ଜଙ୍ଗଲ ଛାଡ଼ି ଗାଁ ମୁହାଁ ହେଉଥିବା ହାତୀ ସହରାଞ୍ଚଳରେ ମଧ୍ୟ ପ୍ରବେଶ କଲେଣି। ତାଳଚେର ପୌରାଞ୍ଚଳର ଷଣ୍ଢଗାଁରେ ଏତେବଡ଼ ଅଘଟଣ ଘଟିବା ଏହାର ଉଦାହରଣ। ତେଣୁ ଆମ ଜୀବନ ଆଉ ଏଠାରେ ସୁରକ୍ଷିତ ନୁହେଁ। କେତେବେଳେ ହାତୀ ପୁଣି କାହା ଜୀବନ ନେବ ତାହା କିଏ କହିବ। ହାତୀକୁ ମାରିଲେ ମଲୁ ନ ମାରିଲେ ମଧ୍ୟ ମଲୁ ବୋଲି କ୍ଷୋଭର ସହ କହିଛନ୍ତି ସ୍ଥାନୀୟ ଅଞ୍ଚଳର ଆଇନଜୀବୀ ତ୍ରିଲୋଚନ ନାଏକ। ଭିକୁ ନାଏକ କହିଛନ୍ତି, ଏଥରକୁ ମିଶାଇ ୪ଥର ଉକ୍ତ ଦନ୍ତା ଏଠାକୁ ଆସିଲାଣି। କିଛି ଦିନ ତଳେ ହାତୀ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ବାଇକ୍ ଛାଡି ଦୌଡି ପଳାଇବାରୁ ସେ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଗତବର୍ଷ ଉକ୍ତ ସ୍ଥାନରେ ହାତୀ କୁଡିଆ ଭାଙ୍ଗି ଦେଇଥିଲା। ସେତେବେଳେ କେହି ନ ଥିବାରୁ ଜୀବନହାନି ଘଟି ନ ଥିଲା। ଆମ ଜୀବନ ବିପଦରେ ଥିବାରୁ ଗାଁରେ ରହିବାକୁ ଭୟ ଲାଗୁଛି। କୁମୁଦ ଚନ୍ଦ୍ର ରଥ କହିଛନ୍ତି, ହାତୀ ଯୋଗୁ ଚାଷ ବନ୍ଦ ହୋଇ ଗଲାଣି। ଏଠାରେ ପିଲାଛୁଆ ନେଇ ରହିବୁ କିପରି। ତୁରନ୍ତ ଉକ୍ତ ଦନ୍ତାକୁ ସ୍ଥାନାନ୍ତର କରାଯାଉ ନଚେତ ମାରି ଦିଆଯାଉ। କେଶବ ଭୂତିଆ କହିଛନ୍ତି, ବାରମ୍ବାର ଏଭଳି ଘଟୁଥିଲେ ବି ବିଭାଗ କିଛି ପଦକ୍ଷେପ ନେଉ ନାହିଁ। ଯେଉଁଥିପାଇଁ ଆଜି ୫ ଜଣଙ୍କ ଜୀବନ ଅକାରଣରେ ଚାଲିଗଲା। ରାଜ୍ୟ ସରକାର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ। ବୁଲୁ ମହାପାତ୍ର କହିଛନ୍ତି, ଆମ ଅଞ୍ଚଳରେ ଆଗରୁ ଏଭଳି ଘଟିଥିବା ଜଣାନାହିଁ। ଟ୍ରାଙ୍କୁଲାଇଜ କରି ହାତୀକୁ ତୁରନ୍ତ ସ୍ଥାନାନ୍ତର କରାଯାଉ। ଅଞ୍ଚଳବାସୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବା ସହ ହାତୀ ଯିବାଆସିବା ସମ୍ପର୍କରେ ସୂଚନା ଦିଆଯାଉ। ପରିବେଶବିତ୍ ବାଉରୀବନ୍ଧୁ ବେଜ କହିଛନ୍ତି, ହାତୀ ସହର ଭିତରକୁ ପଶି ଆସିଲେଣି। ଏନ୍‌ଜିଟି କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି। ବିଧାୟକ ବ୍ରଜକିଶୋର ପ୍ରଧାନ କହିଛନ୍ତି, ଉକ୍ତ ଦନ୍ତା ହାତୀର ମାନସିକ ବିକୃତି ଘଟିସାରିଛି। ତୁରନ୍ତ ଟ୍ରାଙ୍କୁଲାଇଜ କରି ନନ୍ଦନକାନନକୁ ସ୍ଥାନାନ୍ତର କରାଯିବାର ଆବଶ୍ୟକତା ରହିଛି।


ମନବୁଲ ସେଠଙ୍କ ବରଡା ଘରକୁ ହାତୀ ଭାଙ୍ଗି ଦେଇଛି।

## ୩ ବନଖଣ୍ଡ, ୧୬ ରେଞ୍ଜ, ୨୯୬ ହାତୀ

ଅନୁଗୋଳ ଜିଲାରେ ଅନୁଗୋଳ, ସାତକୋଶିଆ ଓ ଆଠମଲ୍ଲିକ ବନଖଣ୍ଡ ରହିଛି। ଏହି ୩ ବନଖଣ୍ଡ ଅଧୀନରେ ୧୬ଟି ବନାଞ୍ଚଳ ବା ରେଞ୍ଜ ଅଛି। ଅନୁଗୋଳ ବନଖଣ୍ଡରେ ଅନୁଗୋଳ, ଛେଣ୍ଡିପଦା, ବନ୍ତଳା, କଣିହାଁ, ତାଳଚେର ଓ ଜରପଡ଼ା ରେଞ୍ଜ ଥିବାବେଳେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ପମ୍ପାସର, ପୁରୁଣାକୋଟ, ଟିକରପଡ଼ା, ଜିଲିଣ୍ଡା, ରାଇଗୁଡ଼ା ରହିଛି। ସେହିପରି ଆଠମଲ୍ଲିକ ବନଖଣ୍ଡରେ ହଣ୍ଡପା, ବାମୁର, ଆଠମଲ୍ଲିକ, ମାଧପୁର, ଧଣ୍ଡାତୋପା ରେଞ୍ଜ ରହିଛି। ଏହାଛଡ଼ା ଅନୁଗୋଳ ଜିଲାର ଅନ୍ୟ ଦୁଇଟି ରେଞ୍ଜ ପାଲଲହଡ଼ା ଓ ଖମାର ଦେବଗଡ଼ ବନଖଣ୍ଡ ଅଧୀନରେ ଥିବା ଜଣାପଡ଼ିଛି। ଏହିସବୁ ରେଞ୍ଜଗୁଡ଼ିକରେ ମୋଟ୍ ହାତୀଙ୍କ ସଂଖ୍ୟା ହେଉଛି ୨୯୬। ଏଥିସହ ଢେଙ୍କାନାଳ, ଦେବଗଡ଼, ରେଢ଼ାଖୋଲ ବନଖଣ୍ଡରୁ ୨୦ରୁ ୩୦ ହାତୀ ଚଳପ୍ରଚଳ କରୁଛନ୍ତି।


ସନ୍ଥପଡା ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

## ୮୮୯୦ ଚାଷୀଙ୍କ ଫସଲହାନି

୨୦୧୮-୧୯ ବର୍ଷରେ ଅନୁଗୋଳ ଜିଲାରେ ହାତୀ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଛି। କେବଳ ଅନୁଗୋଳ ବନଖଣ୍ଡରେ ୭ ହଜାର ୩୨୫ ଚାଷୀଙ୍କ ୧୫୭୬ ହେକ୍ଟରରେ ହୋଇଥିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଏ ବାବଦକୁ ବନଖଣ୍ଡ ପକ୍ଷରୁ ଚାଷୀଙ୍କୁ ୧ କୋଟି ୬୮ ଲକ୍ଷ ୬୦ ହଜାର ୩୨୪ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଛି। ସାତକୋଶିଆ ବନଖଣ୍ଡ ଅଞ୍ଚଳରେ ୧୬୫ ଚାଷୀଙ୍କ ୨୪.୮୪ ଏକର ଫସଲ ହାନି କରିଛନ୍ତି ହାତୀ। ଏ ନେଇ ଅଭିଯୋଗ କରିଥିବା ଲୋକଙ୍କୁ ବନଖଣ୍ଡ ପକ୍ଷରୁ ୨ ଲକ୍ଷ ୫୨ ହଜାର ୨୨୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଆଠମଲ୍ଲିକ ବନଖଣ୍ଡରେ ୧୪ ଶହ ଲୋକଙ୍କ ଜମିରେ ପଶି ହାତୀ ଫସଲ କ୍ଷତି ଘଟାଇଛନ୍ତି। ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଇଛି। ବାକି ଥିବା ଲୋକମାନଙ୍କୁ ଖୁବ୍‌ଶୀଘ୍ର ଚିହ୍ନଟ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।


ତାଳଚେରସ୍ଥିତ ଟିଟିଏସ୍ ଆଶପଣ୍ଡ ନିକଟରେ ଦନ୍ତା।

## ବର୍ଷକରେ ଗଲାଣି ୧୫ ପ୍ରାଣ

୨୦୧୮-୧୯ ବର୍ଷରେ ଅନୁଗୋଳ ଜିଲାରେ ହାତୀ ଆକ୍ରମଣରେ ମୋଟ୍ ୧୫ଜଣଙ୍କ ଜୀବନ ଯାଇଛି। ସେଥିରୁ କେବଳ ଅନୁଗୋଳ ବନଖଣ୍ଡରେ ୧୧ ଜଣ ପ୍ରାଣ ହରାଇଛନ୍ତି। ପୂର୍ବରୁ ଏହି ବନଖଣ୍ଡରେ ୬ ଜଣଙ୍କୁ ହାତୀ ମାରିଥିବାବେଳେ ଗୁରୁବାର ରାତିରେ ୫ ଜଣଙ୍କୁ ଦଳିଦେଇଛି। ତାଳଚେର ବନାଞ୍ଚଳରେ ସର୍ବାଧିକ ୮ ଜଣ, ଛେଣ୍ଡିପଦା ବନାଞ୍ଚଳରେ ୨ ଜଣ ଓ ଅନୁଗୋଳ ବନାଞ୍ଚଳରେ ଜଣଙ୍କୁ ହାତୀ ମାରିଛି। ସେହିପରି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ୨ ଜଣ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ଚଳିତ ଏପ୍ରିଲରେ ଜଣଙ୍କୁ ହାତୀ ମାରିଥିବା ବେଳେ ସାତକୋଶିଆକୁ ଆସିଥିବା ପୋଷା ହାତୀ ଅନ୍ୟ ଜଣଙ୍କୁ ମାରିଛି। ଆଠମଲ୍ଲିକ ବନଖଣ୍ଡ ଅଞ୍ଚଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ମାଧପୁରରେ ଜଣଙ୍କୁ ଓ ବାମୁରରେ ଅନ୍ୟଜଣଙ୍କୁ ହାତୀ ମାରିଥିବା ସୂଚନା ମିଳିଛି।

## ରାଜନେତାଙ୍କ ଭିଡ଼

ସକାଳୁ ଏପରି ଏକ ବଡ଼ ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳକୁ ରାଜନେତାଙ୍କ ସୁଅ ଛୁଟିଥିଲା। ଯୋଗକୁ ନିର୍ବାଚନ ସମୟ ହୋଇଥିବାରୁ ଖବରପାଇବା କ୍ଷଣି ଢେଙ୍କାନାଳ କଂଗ୍ରେସ ଏମ୍‌ପି ପ୍ରାର୍ଥୀ କାମାକ୍ଷା ପ୍ରସାଦ ସିଂହଦେଓ ତାଳଚେରରେ ପହଞ୍ଚି ଯାଇଥିଲେ। ସେହିପରି ତାଳଚେର ବିଧାୟକ ତଥା ବିଜେଡି ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ, କଂଗ୍ରେସ ପ୍ରାର୍ଥୀ ସୁରେଶ ବେହେରା, ଭାଜପା ପ୍ରାର୍ଥୀ କାଳନ୍ଦୀ ସାମଲ ମଧ୍ୟ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।

## ପୂର୍ବରୁ ଗୋଟିଏ ଘଟଣାରେ ଯାଇଥିଲା ୨ ଜୀବନ

ହାତୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁ ନୂଆ ଘଟଣା ହୋଇ ନ ଥିଲେ ବି ଏକାବେଳେ ୫ ଜୀବନହାନି ରାଜ୍ୟରେ ପ୍ରଥମ ଘଟଣା। ପୂର୍ବରୁ ଏକକାଳୀନ ଏତେ ସଂଖ୍ୟକ ଲୋକଙ୍କ ଜୀବନ କେବେ ହାତୀ ନେଇ ନ ଥିଲା। ତେବେ ନିକଟ ଅତୀତରେ ଛେଣ୍ଡିପଦା ଅଞ୍ଚଳରେ ୨ ବୃଦ୍ଧାଙ୍କ ମୃତ୍ୟୁ ହାତୀ ଆକ୍ରମଣ କାରଣରୁ ହୋଇଥିଲା। ସେମାନେ ଜଙ୍ଗଲକୁ ଯାଇଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇଯାଇଥିଲେ। ଫଳରେ ଏକ ଦନ୍ତା ହାତୀ ଉଭୟଙ୍କୁ ଟେକି କଚାଡ଼ି ଦେଇଥିଲା। ଜଣେ ଘଟଣାସ୍ଥଳରେ ଓ ଅନ୍ୟଜଣଙ୍କ ମେଡିକାଲରେ ମୃତ୍ୟୁ ହୋଇଥିଲା। ସେହିପରି ପରଜଙ୍ଗ ଅଞ୍ଚଳରେ ମଧ୍ୟ ଏକ ଦମ୍ପତିଙ୍କ ମୃତ୍ୟୁ ହାତୀ ଆକ୍ରମଣରେ ହୋଇଥିଲା।

## ହାତୀ ଭାଙ୍ଗିଛି ୯୦ ଘର, ପାଚେରି

ଅନୁଗୋଳ ବନଖଣ୍ଡରେ ୨୦୧୮-୧୯ ବର୍ଷରେ ହାତୀ ୮୪ଟି ଘର ଓ ପାଚେରି ଭାଙ୍ଗିଥିବାବେଳେ କ୍ଷତିଗ୍ରସ୍ତ ଲୋକଙ୍କୁ ୪ ଲକ୍ଷ ୩୨ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଛି। ସାତକୋଶିଆ ବନଖଣ୍ଡ ଅଞ୍ଚଳରେ କୌଣସି ଘର ବା ପାଚେରି ନଷ୍ଟ ହୋଇ ନାହିଁ। ତେବେ ଆଠମଲ୍ଲିକ ବନଖଣ୍ଡ ଅଞ୍ଚଳରେ ୬ ଜଣଙ୍କ ପାଚେରି ହାତୀ ଭାଙ୍ଗିଛି। ଏ ବାବଦକୁ କ୍ଷତିଗ୍ରସ୍ତଙ୍କୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମିଳିଛି ୩୬ ଲକ୍ଷ କ୍ଷତିପୂରଣ

ଗୁରୁବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ମରିଥିବା ୫ଜଣଙ୍କୁ ବାଦ୍ ଦେଲେ ପୂର୍ବରୁ ଅନୁଗୋଳ ବନଖଣ୍ଡରେ ପ୍ରାଣ ହରାଇଥିବା ୬ ଜଣଙ୍କ ପରିବାରକୁ ସରକାରଙ୍କ ତରଫରୁ କ୍ଷତିପୂରଣ ବାବଦକୁ ୨୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସାତକୋଶିଆ ବନଖଣ୍ଡରେ ମୃତ୍ୟୁ ହୋଇଥିବା ୨ଜଣଙ୍କ ପରିବାରକୁ ୮ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଆଠମଲ୍ଲିକ ବନଖଣ୍ଡର ମାଧପୁରରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ବେଳେ ବାମୁର ଅଞ୍ଚଳରେ ହାତୀ ମାରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି ନା ନାହିଁ ତାହା ସ୍ପଷ୍ଟ ହୋଇପାରି ନାହିଁ।


ଘଟଣାସ୍ଥଳରେ ଢେଙ୍କାନାଳ କଂଗ୍ରେସ ଏମ୍‌ପି ପ୍ରାର୍ଥୀ କାମାକ୍ଷାପ୍ରସାଦ ସିଂହଦେଓ।


ଘଟଣାସ୍ଥଳକୁ ଯାଉଛନ୍ତି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ।

ରିପୋର୍ଟ- ମନୋଜ ନନ୍ଦ, ଅମିତ ସାମଲ, ଦିନେଶ ଦେହୁରୀ, ଅଜିତ ଧଳ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଏପ୍ରିଲ ୨୦ /୨୦୧୯ Dhenkanal, Saturday, April 20 / 2019




## ସଂକ୍ଷେପରେ

### ବଜ୍ରପାତରେ ନାବାଳିକା ମୃତ

ଛେଣ୍ଡିପଦା,୧୯।୪(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଜରପଡା ଥାନା କୁଶକିଲା ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଶିଶିର ବାରିକଙ୍କ ଝିଅ ଜିତା ବାରିକ (୧୩)ଙ୍କ ମୃତ୍ୟୁ ଘଟିଛି। ପୋଲିସ କହିଛି, ସକାଳ ପ୍ରାୟ ୬ଟାରେ ଜିତା ଶୌଚ ପାଇଁ ଯାଉଥିବାବେଳେ ବଜ୍ରପାତ ହୋଇଥିଲା। ସେ ଅଚେତ ହୋଇ ପଡ଼ିଯାଇଥିଲେ। କେତେଜଣ ଗାଈ ଚରାଳି ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଜରପଡା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଯୁବକଙ୍କୁ ମାଡ଼ ଅଭିଯୋଗ

ଛେଣ୍ଡିପଦା,୧୯।୪(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଟାଙ୍ଗିରୀ ଗ୍ରାମର ବସନ୍ତ ବେହେରା(୫୩)ଙ୍କୁ ସେହି ଗ୍ରାମର ସୁଜିତ କୁମାର ବେହେରା ଶୁକ୍ରବାର ସନ୍ଧ୍ୟାରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ବସନ୍ତ ତାଙ୍କ ଗୁହାଳକୁ ବଳଦ ବାନ୍ଧିବାକୁ ନେଉଥିବାବେଳେ ସୁଜିତ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ବସନ୍ତଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅପରପକ୍ଷେ ସୁଜିତଙ୍କୁ ଗ୍ରାମବାସୀ କାବୁ କରି ଗଛରେ ବାନ୍ଧି ଅଟକ ରଖିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ସୁଜିତ ଏକ ଘରପୋଡି ମାମଲାରେ କୋର୍ଟଚାଲାଣ ହୋଇଥିବାବେଳେ ୨୩ ଦିନ ପୂର୍ବରୁ ଜେଲରୁ ଘରକୁ ଆସିଥିଲେ।

## ଆଜି ଅନୁଗୋଳ ଆସିବେ ମୁଖ୍ୟମନ୍ତ୍ରୀ

# ୪ ନିର୍ବାଚନମଣ୍ଡଳୀରେ କରିବେ ମାରାଥନ ପ୍ରଚାର



ଛେଣ୍ଡିପଦାରେ ନିର୍ବାଚନ ସଭା ଆୟୋଜିତ ହେବାକୁ ଥିବା ପଡିଆରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତୁତି ଚାଲିଛି।

**ଅନୁଗୋଳ ଅଫିସ/ବଇଣ୍ଡା/ଛେଣ୍ଡିପଦା ୧୯।୪ (ଡି.ଏନ୍.ଏ/ସ୍ୱ.ପ୍ର.)**

ନିର୍ବାଚନୀ ପ୍ରଚାର ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଅନୁଗୋଳ ଜିଲା ଗସ୍ତରେ ଆସୁଛନ୍ତି। ଜିଲାର ୪ଟି ନିର୍ବାଚନ ମଣ୍ଡଳୀରେ ସେ ମାରାଥନ ପ୍ରଚାର କରିବେ। ତାଳଚେରରୁ ପୂର୍ବାହ୍ନ ୧୦ଟା ୧୫ରେ ପ୍ରଚାର ଆରମ୍ଭ ହେବ। ପରେ ଛେଣ୍ଡିପଦା ମିନି ଷ୍ଟାଡିୟମ ନିକଟରେ ତହସିଲ ଅଫିସ ପଛପାଖ ପଡିଆରେ ହେଲିକପ୍ଟରରେ ଯୋଗେ ମୁଖ୍ୟମନ୍ତ୍ରୀ ପହଞ୍ଚି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ମାଧପୁରରେ ମଧ୍ୟାହ୍ନ ୧୨ଟା ୧୫ରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଦଳୀୟ ଟିକେଟ୍‌ରୁ ବଞ୍ଚିତ ହୋଇଥିବା ସଞ୍ଜୀବ ସାହୁଙ୍କ ଭୂମିକାକୁ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ମୁଖ୍ୟମନ୍ତ୍ରୀଙ୍କ ସଭାକୁ ସଞ୍ଜୀବ ଆସିବେ କି ନାହିଁ ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର ଧରିଛି।

ଅନୁଗୋଳ ଜିଲାକୁ ନବୀନ ପଟ୍ଟନାୟକ ଦ୍ୱିତୀୟ ଥର ପାଇଁ ପ୍ରଚାରରେ ଆସୁଛନ୍ତି। ତାଳଚେରଠାରେ ଦଳୀୟ ବିଧାୟକ ପ୍ରାର୍ଥୀ ବ୍ରଜ ପ୍ରଧାନଙ୍କ ପାଇଁ ସେ ପ୍ରଚାର କରିବେ। ପରେ ରେଙ୍ଗାଳି ଠାରେ ସାଧାରଣ ସଭାରେ ଯୋଗଦେଇ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ ପାଳଙ୍କ ପାଇଁ ଭୋଟ ମାଗିବେ। ଦୁଇ ଦିନ ତଳେ ବିଜେଡି ସଭାପତି ପାଲଲହଡ଼ା ନିର୍ବାଚନମଣ୍ଡଳୀର ଖମାର କଲେଜ ପଡ଼ିଆରେ ମୁକେଶଙ୍କ ଲାଗି ପ୍ରଚାର କରିଥିଲେ। ତେଣୁ ଦ୍ୱିତୀୟ ଥର ମୁକେଶଙ୍କ ପ୍ରଚାର ପାଇଁ ନବୀନ ଆସୁଥିବାରୁ ଏହାକୁ ନେଇ ସାଧାରଣରେ ନାନା ଆଲୋଚନା ଚାଲିଛି। ସେହିପରି ଛେଣ୍ଡିପଦାର ଦଳୀୟ ପ୍ରାର୍ଥୀ ସୁଶାନ୍ତ ବେହେରାଙ୍କ ପାଇଁ ପ୍ରଚାର ପରେ ଆଠମଲ୍ଲିକରେ ରମେଶ ସାଏଙ୍କ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ମାଧପୁର ଗସ୍ତ କରିବେ। ଏଥିସହ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ମହେଶ ସାହୁ ଓ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ହୋଇଥିବା ନଳିନୀକାନ୍ତ ପ୍ରଧାନଙ୍କ ଲାଗି ମଧ ପ୍ରଚାର କରିବେ।

ଅନ୍ୟପକ୍ଷରେ ଚଳିତ ଥର ଟିକେଟରୁ ବଞ୍ଚିତ ହୋଇଥିବା ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଏଯାଏ ନୀରବ ରହିଛନ୍ତି। ତାଙ୍କ ସମର୍ଥକଙ୍କ ମଧ୍ୟରେ ମଧ ଅସନ୍ତୋଷ କୁହୁଳୁଥିବା ଚର୍ଚ୍ଚା ହେଉଛି। ଏ ପରିସ୍ଥିତିରେ ସେମାନଙ୍କ ସମର୍ଥନ କାହା ପ୍ରତି ରହିଛି ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ରମେଶ ସାଏ ଓ ନଳିନୀକାନ୍ତ ପ୍ରଧାନଙ୍କ ପାଇଁ ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରୀ, କିଶୋରନଗର ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ ମାଝି, ସଞ୍ଜୀବଙ୍କ ବିରୋଧୀ ଗୋଷ୍ଠୀର ଟାଣୁଆ ନେତା ପ୍ରଚାର କରୁଥିବା ଜଣାଯାଇଛି। ଏପରି ସ୍ଥିତିରେ ସଞ୍ଜୀବ ଓ ତାଙ୍କ ଅନୁଗତମାନେ ନୀରବ ରହିବା ସହ କୌଣସି ସଭାସମିତି କିମ୍ବା ରାଜନୈତିକ ପ୍ରଚାରରେ ଅଂଶଗ୍ରହଣ କରୁ ନ ଥିବା ଦେଖିବାକୁ ମିଳୁଛି। ତେଣୁ ସେଠାରେ ପରିସ୍ଥିତି ସଜାଡିବା ପାଇଁ ବିଜେଡି କି ଆଭିମୁଖ୍ୟ ଗ୍ରହଣ କରୁଛି ତାକୁ ନେଇ ନାନା ଆଲୋଚନା ଚାଲିଛି। ଏ ସମ୍ପର୍କରେ ସଞ୍ଜୀବଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ଫୋନ ସୁଇଚ ଅଫ୍ ରହିଥିବାରୁ ମତାମତ ମିଳିପାରିନାହିଁ।

## ମହାତ୍ମା ହଂସରାଜଙ୍କ ଜୟନ୍ତୀ




ମହାତ୍ମା ହଂସରାଜଙ୍କ ଜୟନ୍ତୀ ପାଳନ ଅବସରରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

**ଅନୁଗୋଳ ଅଫିସ/ ଛେଣ୍ଡିପଦା, ୧୯।୪**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟ ପରିସରରେ ଡିଏଭି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ମହାତ୍ମା ହଂସରାଜଙ୍କ ୧୫୬ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକୀରମୋହନ ସାହୁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସବର ମହତ୍ତ୍ୱ ଓ ଉଦ୍ଦେଶ୍ୟ ଉପରେ ଅବଗତ କରାଇବା ସହ ହଂସରାଜଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଦଶମ ଛାତ୍ର ରାମକୃଷ୍ଣ ପଟ୍ଟନାୟକ ଓ ମୁନା ପଟ୍ଟନାୟକ ହଂସରାଜଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ଦୁଃଶାସନ ବେହେରା ହଂସରାଜଙ୍କ ଜୀବନୀ ଦର୍ଶନ ଉପରେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତି ଜିନ୍ଦଲ ପରିଚାଳନା କରିଥିଲେ। ମଧୁମିତା ସାହୁ, ସ୍ମିତାରାଣୀ ଖିଲାରୀ, ସୂର୍ଯ୍ୟକାନ୍ତ ସାର, କୃଷ୍ଣ କୁମାର ଦାସ, ଚିତ୍ତରଞ୍ଜନ ଦାସ, ପ୍ରଦ୍ୟୁମ୍ନ କୁମାର ଜେନା, ଜିତେନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଆରତି ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କାଳବୈଶାଖୀରେ ବ୍ୟାପକ ପନିପରିବା ନଷ୍ଟ

**ବନ୍ତଲା, ୧୯।୪(ଡି.ଏନ.ଏ.)**



ଅନୁଗୋଳ ଜିଲା ବଣଁରପାଳ ବ୍ଲକ ତୁବେ ପଞ୍ଚାୟତ ଜୋକୁବୁ ଗ୍ରାମରେ ଗୁରୁବାର ରାତିରେ କାଳବୈଶାଖୀ ସହିତ କୁଆପଥର ବର୍ଷା ହୋଇଛି। ଏଥିଯୋଗୁ ଅନେକଙ୍କ ଘର କ୍ଷତିଗ୍ରସ୍ତ ହେବା ସହ ବ୍ୟାପକ ପରିମାଣରେ ପନିପରିବା ଚାଷ ନଷ୍ଟ ହୋଇଛି। ଘଣ୍ଟାଏ ଧରି ଜୋରରେ ପବନ ବହିବା ସହିତ ବଜ୍ରପାତ ଓ କୁଆ ପଥର ବର୍ଷା ହୋଇଥିଲା। ପ୍ରାୟ ଦେଢ ଶହ ଚାଷୀଙ୍କ ଫୁଲ ଓ ବନ୍ଧା କୋବି, ବାଇଗଣ, ଟମାଟୋ, ଭେଣ୍ଡି, ଗୁଆଁର, ପୋଟଳ, କଲରା, ଶାଗ, ଲଙ୍କା ଆଦି ପନିପରିବା ବ୍ୟାପକ ମାତ୍ରାରେ ନଷ୍ଟ ହୋଇଛି। ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ, ବାନାମ୍ବର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ବେହେରା, ଗିରିଶ ଚନ୍ଦ୍ର ସାହୁ, ଦେବ ସାହୁ, ସନ୍ତୋଷ ସାହୁ, ଭାସ୍କର ସାହୁଙ୍କ ପନିପରିବା ଫସଲ ନଷ୍ଟ ହୋଇଛି। ତୁରନ୍ତ ଉଦ୍ୟାନ ଓ ରାଜସ୍ୱ ବିଭାଗ ତଦନ୍ତ କରି କ୍ଷତିପୂରଣ ଦେବା ପାଇଁ ସେମାନେ ଦାବି କରିଛନ୍ତି।

# କମିଟିକୁ ଭେଟିଲେ ଖର୍ଚ୍ଚ ପର୍ଯ୍ୟବେକ୍ଷକ

**ଅନୁଗୋଳ ଅଫିସ, ୧୯।୪**

ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଚାଲୁଥିବା ମିଡିଆ ସାର୍ଟିଫିକେଶନ କାର୍ଯ୍ୟକ୍ରମ ଓ ମନିଟରିଂ କମିଟିକୁ ଶୁକ୍ରବାର ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ନିୟୋଜିତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଦ୍ୟୁତ ତ୍ରିବେଦୀ ଭେଟି ସମୀକ୍ଷା କରିଛନ୍ତି। ପେଡ୍ ନିୟୁଜ୍, ସରୋଗେଟ୍ ନିୟୁଜ ମିଡିଆ ସାର୍ଟିଫିକେଶନ ଓ ସୋସିଆଲ ମିଡିଆ ଉପରେ ସେ ସମୀକ୍ଷା କରିଥିଲେ। ଏହାଛଡ଼ା ନିୟମିତ ବିଭିନ୍ନ ରିପୋର୍ଟ ସମ୍ପୃକ୍ତ କମିଟିଗୁଡ଼ିକୁ ପଠାଇବା ସହ ଖବରକାଗଜ, ଟେଲିଭିଜନର ଖବରଗୁଡ଼ିକୁ ଠିକ୍ ଭାବେ ଯାଞ୍ଚ ଓ ବିଶ୍ଳେଷଣ କରି ଏକ ବିସ୍ତୃତ ରିପୋର୍ଟ ସମ୍ପୃକ୍ତ ଖବରଦାତା ସଂସ୍ଥା ଠାରୁ ମାଗିବାକୁ ପରାମର୍ଶ ଦେଇଛନ୍ତି। ଡିଆର୍‌ଡିଏର ଏପିଡି (ଫାଇନାନ୍ସ) ଅବିନାଶ ମହାନ୍ତି ଓ ଏପିଡି ରାକେଶ କୁମାର କୁଣ୍ଟି, ଲିଆସନିଂ ଅଫିସର ପ୍ରଦୋଷ କୁମାର ଶତପଥୀ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ(ଡିଆଇପିଆର୍‌ଓ) ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହାଶ୍ୱେତା, ଶ୍ରୀତମଙ୍କ ରୋଡ୍ ଶୋ



ଅଭିନେତ୍ରୀ ମହାଶ୍ୱେତା ରାୟ ଶୋଭାଯାତ୍ରାରେ ଯାଉଛନ୍ତି।

**ପାଲଲହଡ଼ା, ୧୯।୪(ଡି.ଏନ.ଏ.)**

ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତିଙ୍କ ପାଇଁ ଶୁକ୍ରବାର ରୋଡ୍ ଶୋ କରିଛନ୍ତି ଓଲିଉଡ କଳାକାର ମହାଶ୍ୱେତା ରାୟ ଓ ଶ୍ରୀତମ ଦାସ। ମଧ୍ୟାହ୍ନ ୧୨ଟାରେ ଦୁଇ କଳାକାର ହେଲିକପ୍ଟର ଯୋଗେ ପାଲଲହଡ଼ା ଷ୍ଟାଡିୟମରେ ପହଞ୍ଚିଥିଲେ। ସେଠାରୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ରୋଡ୍ ଶୋରେ ବାହାରିଥିଲେ। ଉଭୟେ ବିଭିନ୍ନ ୱାର୍ଡ, ମୁଖ୍ୟ ବଜାର, ବସ୍‌ଷ୍ଟାଣ୍ଡ ବୁଲି ଶିଗଡ ପଞ୍ଚାୟତକୁ ଯାଇଥିଲେ। ପରେ ବାଲିପଶି ପଞ୍ଚାୟତ, ଫପଣ୍ଡ ଗ୍ରାମକୁ ଯାଇ ଅଶୋକଙ୍କ ପାଇଁ ପ୍ରଚାର କରିବା ସହ ଲୋକଙ୍କୁ ଭୋଟ ମାଗିଥିଲେ। ଏହି ରୋଡ଼ ଶୋରେ ଭାଜପା ବରିଷ୍ଠ ନେତା ଲିଙ୍ଗରାଜ ଦାସ, ତନ୍ମୟ କୁମାର ସାହୁ, ଧର୍ମେନ୍ଦ୍ର ସାହୁ, ଦିଲେଶ୍ୱର ସାମଲ, ଶଶିଭୂଷଣ ଆଚାର୍ଯ୍ୟ, ଶୋଭାଗିନୀ ପ୍ରଧାନ, ରଞ୍ଜିତା ନାଥଙ୍କ ସହ ବହୁ ନେତା ଏବଂ କର୍ମୀ ସାମିଲ ହୋଇଥିଲେ। ଅପରପକ୍ଷେ ଦୁଇ କଳାକାର ହେଲିକପ୍ଟର ଯୋଗେ ପାଲଲହଡ଼ାରେ ପହଞ୍ଚିବା ପରେ ମଧ ପୋଲିସ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ହେଲିକପ୍ଟର ନିକଟରେ ବହୁ ସଂଖ୍ୟାରେ ଲୋକଙ୍କ ଭିଡ଼ ଜମି ଯାଇଥିଲା। ଖବରପାଇ ପୋଲିସ ପ୍ରାୟ ୨୦ ମିନିଟ୍ ପରେ ସେଠାରେ ପହଞ୍ଚି ଭିଡ଼ ନିୟନ୍ତ୍ରିତ କରିଥିଲା। ଏ ସମ୍ପର୍କରେ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ଏବଂ ପାଲଲହଡା ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲଙ୍କୁ ପଚାରିବାରେ କହିଛନ୍ତି, ଏପରି କାର୍ଯ୍ୟକ୍ରମ ହେବ ବୋଲି ପୂର୍ବରୁ ପୋଲିସକୁ ଜଣାଯାଇ ନ ଥିଲା କି ଭାଜପା ପକ୍ଷରୁ ସୂଚନା ଦିଆଯାଇ ନ ଥିଲା। କିନ୍ତୁ ଖବର ମିଳିବା ମାତ୍ରେ ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିଲା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ